
ଓଡ଼ିଶା ଶାସନ



# ବନାଗ୍ନି ପ୍ରତିକାର ନିମନ୍ତେ ସାଧାରଣ ପରିଚାଳନା ପଦ୍ଧତି

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ

ଓଡ଼ିଶା

ଓଡ଼ିଶା ସରକାର
ଜଙ୍ଗଲ ଓ ପରିବେଶ ବିଭାଗ

# ବନାଗ୍ନି ପ୍ରତିକାର ନିମନ୍ତେ
# ସାଧାରଣ ପରିଚାଳନା ପଦ୍ଧତି

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
ଓଡ଼ିଶା

ପ୍ରକାଶକ

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ
ବନ ସୁରକ୍ଷା ବଳ ମୁଖ୍ୟ, ଓଡ଼ିଶା
ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ସଂକଳନ ଓ ଅନୁବାଦ

(ସୁରକ୍ଷା ଓ ପୋଷଣୀୟ ପରିଚାଳନା) ଶାଖା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ

ମୁଦ୍ରଣ

ଜ୍ୟୋତି ଗ୍ରାଫିକ୍ସ, ସହିଦନଗର, ଭୁବନେଶ୍ୱର
ଫୋନ: ୦୬୭୪-୨୫୪୪୨୦୯

**ଶ୍ରୀ ଶିଓ ଶରଣ ଶ୍ରୀବାସ୍ତବ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ
ବନ ସୁରକ୍ଷା ବଳ ମୁଖ୍ୟ, ଓଡ଼ିଶା



# ମୁଖବନ୍ଧ

ବିଗତ ଅନେକ ବର୍ଷ ଧରି ରାଜ୍ୟର ଜଙ୍ଗଲ ସମ୍ପଦ ବହୁ ପ୍ରକାରର ବାଧା ବିଘ୍ନ ମଧ୍ୟରେ ସନ୍ତୁଳିତ ହୋଇରହିବା ପାଇଁ ଉଦ୍ୟମ ଜାରି ରଖିଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, ଘୂର୍ଣ୍ଣିବଳୟ, ବନାଗ୍ନି ଇତ୍ୟାଦି ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ବିଭିନ୍ନ ବିକାଶ ମୂଳକ ଓ ପ୍ରତିଷେଧକମୂଳକ କାର୍ଯ୍ୟ ଯୋଗୁଁ ଜଙ୍ଗଲର ଅବକ୍ଷୟ ରୋକା ଯାଇପାରିଛି । ବନାଗ୍ନି ଦ୍ୱାରା ଜଙ୍ଗଲର ଅବକ୍ଷୟ ସିଧା ସଳଖ ଅନୁଭୂତ ନହେଲେ ମଧ୍ୟ ଏହା ପରୋକ୍ଷ ଭାବେ କ୍ଷତିକାରକ ଅଟେ । ଏଥିପାଇଁ ଏହାର ପ୍ରତିକାର ଓ ପ୍ରତିଷେଧ ବ୍ୟବସ୍ଥା ଏକାନ୍ତ ଜରୁରୀ ମନେ ହୁଏ । ଆଧୁନିକ ବିଜ୍ଞାନ ଜଗତରେ ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ତୁରନ୍ତ ସିଧା ସଳଖ ବନାଗ୍ନି ବିଷୟରେ ଅବଗତ କରାଇବା ଏକ ଅତ୍ୟାଧୁନିକ ବଳିଷ୍ଠ ପଦକ୍ଷେପ ବାଲି ଧରାଯାଇପାରେ । ଏହି ତଥ୍ୟକୁ ଆଧାର କରି ଭବିଷ୍ୟତ ଯୋଜନା ଦ୍ୱାରା ବନାଗ୍ନିର ସଫଳ ପ୍ରତିକାର ନିମନ୍ତେ ଏକ ସାଧାରଣ ପରିଚାଳନା ବ୍ୟବସ୍ଥା ସମ୍ପର୍କିତ ନିୟମାବଳୀ ସରକାରଙ୍କ ଅନୁମୋଦନ ଲାଭ କରିଅଛି । ଏହାକୁ ସ୍ଥାନୀୟ ଭାଷାରେ ଅନୁବାଦ କରି ବିଭାଗର ବିଭିନ୍ନ ଅଧିକାରୀଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଏହି ପୁସ୍ତିକା ପ୍ରକାଶନ କରାଯାଉଅଛି । ଏହା କେବଳ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସିମୀତ ନରହି ବନ ସଂରକ୍ଷଣ ସମିତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ମାନଙ୍କରେ ଲୋକପ୍ରିୟ କରାଇବା ଦରକାର । ଏଥିପାଇଁ ବିଭାଗର ସମସ୍ତ କର୍ମଚାରୀ ଓ ପ୍ରକୃତିପ୍ରେମୀଙ୍କ ସହଯୋଗ କାମନା କରୁଛି । ଆଶା କରେ କି ଏହି ନିୟମାବଳୀକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ବନାଗ୍ନିକୁ ପ୍ରତିରୋଧ କଲେ ଜଙ୍ଗଲର ବିକାଶ ହେବା ସଙ୍ଗେ ବନ୍ୟଜନ୍ତୁମାନଙ୍କର ସୁରକ୍ଷା କରାଯାଇପାରିବ ।

ଶି.ଶେ. ଶ୍ରୀବାସ୍ତବ
(ଶି.ଶେ. ଶ୍ରୀବାସ୍ତବ)

# ବନାଗ୍ନି ପ୍ରତିରୋଧ ନିମନ୍ତେ
# ସାଧାରଣ ପରିଚାଳନା ପଦ୍ଧତି

## ୧. ଉପକ୍ରମଣିକା :

ବନାଗ୍ନିର ମୂଳ ଉତ୍ସ ବା କ୍ଷତିଗ୍ରସ୍ତ ଅଞ୍ଚଳ ଯେଉଁ କାରଣରୁ ହେଉନା କାହିଁକି ଏହା ଦ୍ୱାରା ଜଙ୍ଗଲ ଜାତୀୟ ଉଦ୍ଭିଦ ଓ ପ୍ରାଣୀ ଜଗତର ପ୍ରଭୁତ କ୍ଷୟକ୍ଷତି ସହିତ ଧୂମ୍ର ଓ ତାପ ସୃଷ୍ଟି ହୋଇ ସ୍ଥାନୀୟ ପରିବେଶ ପ୍ରଦୁଷଣର କାରଣ ହୋଇଥାଏ । ଓଡ଼ିଶାରେ ବନାଗ୍ନି ପ୍ରତ୍ୟେକ ବର୍ଷର ଫେବୃଆରୀ ମାସରୁ ଆରମ୍ଭ ହୋଇ ଜୁନ ମାସ ପର୍ଯ୍ୟନ୍ତ ବ୍ୟାପିଥାଏ । ପରନ୍ତୁ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହି ବନାଗ୍ନି ପରିମାଣର ବୃଦ୍ଧି ହୋଇଥାଏ । ଯଦିଓ କାର୍ଯ୍ୟ ଯୋଜନା ଖସଡ଼ା ସହ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଏ ବିଷୟରେ ରହିଛି ତଥାପି ବନାଗ୍ନିକୁ ପ୍ରତିରୋଧ କରିବା ପାଇଁ ପ୍ରଣାଳୀଗତ ପଦକ୍ଷେପ ଏବଂ ସକ୍ଷମ ସୁପରିଚାଳିତ ଅଭ୍ୟାସ ସହିତ ଉତ୍ତରଦାୟୀ ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ କରାଯାଇନାହିଁ । ତେଣୁ ଏକ ବିସ୍ତୃତ ବନାଗ୍ନି ପ୍ରତିରୋଧ ସାଧାରଣ ପରିଚାଳନା ପଦ୍ଧତି କ୍ଷେତ୍ର ଅଧିକାରୀଙ୍କ ସମସ୍ୟା ସମାଧାନର ଉତ୍ସ ଭାବେ ଆବଶ୍ୟକ ଅଟେ ।

## ୨. ଉଦ୍ଦେଶ୍ୟ :

ବନାଗ୍ନି ସାଧାରଣ ପରିଚାଳନା ପଦ୍ଧତିର ମୁଖ୍ୟ ଉଦ୍ଦେଶ୍ୟ ଅନୁସାରେ ବନାଗ୍ନି ସମସ୍ୟାକୁ ପର୍ଯ୍ୟାୟକ୍ରମେ ମୁକାବିଲା କରିବା ପାଇଁ ସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ସହଭାଗିତା ଆବଶ୍ୟକ । ଏତଦ୍ଭିନ୍ନ, ଏହା କ୍ଷେତ୍ରୀୟ କର୍ମଚାରୀଙ୍କ ନିମନ୍ତେ ଏକ ପରିଚାଳନାଗତ ଅଭ୍ୟାସ ସାଧନ, ଯାହା ବନାଗ୍ନିର ନିର୍ବାପନ, ପ୍ରଶମନ ନିୟନ୍ତ୍ରଣ ପାଇଁ ସହାୟକ ହେବ ଓ ଜଙ୍ଗଲ, ପ୍ରାଣୀ ଜଗତ ପ୍ରତି ଥିବା ବିପଦକୁ ପ୍ରଶମିତ କରିବ । ଏହା ମଧ୍ୟ ଅଣୁ ଜୈବ ସମାଜ ଏବଂ ବନାଗ୍ନି ନିୟନ୍ତ୍ରଣ ପଦକ୍ଷେପକୁ ଆଗକୁ ନେବ ।

## ୩. କୌଶଳ :

ବନାଗ୍ନିକୃତ ଦୁର୍ଘଟଣାକୁ ଦ୍ରୁତ, ବ୍ୟବସ୍ଥିତ ଓ ସଫଳ ଢଙ୍ଗରେ ଦାୟିତ୍ୱ ସଂପନ୍ନ କର୍ମଚାରୀ ଓ ସ୍ୱତଃ ପ୍ରବୃତ ବନ ସୁରକ୍ଷା ସମିତି ଏବଂ ସ୍ଥାନୀୟ ଜନସାଧାରଣଙ୍କ ପ୍ରତ୍ୟକ୍ଷ ତଥା ପରୋକ୍ଷ ସହଯୋଗୀତାରେ ହିଁ ନିୟନ୍ତ୍ରଣ କରାଯାଇପାରିବ । ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ ସମିତିର ସକ୍ରିୟ ସହଯୋଗୀତା ପାଇଁ ପ୍ରୋତ୍ସାହିତ କରିବା ଯୋଜନା ଆବଶ୍ୟକ । ସାଧାରଣ ପରିଚାଳନା ପଦ୍ଧତି ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଦାୟିତ୍ୱ ସଂପର୍କରେ ସ୍ପଷ୍ଟଭାବେ ଉଲ୍ଲେଖିତ ହେବ । ଏହି ସଧାରଣ ପରିଚାଳନା ପଦ୍ଧତି, ଓଡ଼ିଶା ଜଙ୍ଗଲ (ଅଗ୍ନି) ସୁରକ୍ଷା ଆଇନ, ୧୯୭୯ ମସିହାରେ ଥିବା ପ୍ରାବଧାନକୁ ଅନୁକରଣ କରିବ ।

ସାଧାରଣ ପରିଚାଳନା ପଦ୍ଧତିଟି ଅଗ୍ନି ନିର୍ବାପନ, ସୂଚନା ସଂଗ୍ରହ ନଥି ପରିଚାଳନା, ବନାଗ୍ନି ପ୍ରବଣ ଅଞ୍ଚଳ ନିରୀକ୍ଷଣ ଏବଂ ପରବର୍ତ୍ତୀ ଅଗ୍ନି ପରିଚାଳନା ବ୍ୟବସ୍ଥାର ମାର୍ଗ ଦର୍ଶକ ହେବ । ସାଧାରଣ ପରିଚାଳନା ପଦ୍ଧତି ଜଙ୍ଗଲ ବିଭାଗର ବନାଞ୍ଚଳ ପରିଚାଳନାରେ ପ୍ରୟୋଗ ହେବ ।

## ୪. ଦାୟିତ୍ୱ:

**ବନଖଣ୍ଡ ସ୍ତରରେ:**

ଖଣ୍ଡୀୟ ବନ ଅଧରକାରୀ / ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଅଧିକାରୀ ନିମ୍ନ ଲିଖିତ କାର୍ଯ୍ୟ ନିମନ୍ତେ ଦାୟି ରହିବେ :

(କ) ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀ, କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ, ଓଡ଼ିଶା ବନ ଉନ୍ନୟନ ନିଗମ ଖଣ୍ଡୀୟ ପରିଚାଳକ ଏବଂ ସଂପୃକ୍ତ ଜିଲ୍ଲା ସ୍ତରୀୟ ବିଭାଗମାନଙ୍କ ସହ ସମନ୍ୱୟ ରକ୍ଷା ସକାଶେ ସଭା ଡକାଇବେ ।

(ଖ) ଅଗ୍ନି ପ୍ରତିକାର ଓ ସଂସ୍କାର ସାଧନ ଯୋଜନା ପ୍ରସ୍ତୁତ କରିବେ ଏବଂ ମଞ୍ଜୁର ଯୋଜନା ଅନୁଯାୟୀ ତତ୍ତ୍ୱାବଧାନ କରିବେ।

(ଗ) ଅଗ୍ନି ଋତୁ ପୂର୍ବରୁ ଅଗ୍ନି ଆଶଙ୍କାଗ୍ରସ୍ତ ଜଙ୍ଗଲ ବିଟ୍ ଓ ସେକ୍ସନ ଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବେ।

(ଘ) କ୍ଷେତ୍ରଗୁଡ଼ିକୁ ଶକ୍ତିଶାଳୀ କରିବା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ଓ ସାମଗ୍ରୀ ସଂଗ୍ରହ କରିବେ।

(ଙ) ଓଡ଼ିଶା ଜଙ୍ଗଲ (ଅଗ୍ନି ସୁରକ୍ଷା) ଆଇନ, ୧୯୭୯ ର ଧାରା-୩(୨) ନିୟମ ଆଧାରରେ ନିଷିଦ୍ଧ କାର୍ଯ୍ୟକଳାପର ସ୍ପଷ୍ଟ ଦୃଶ୍ୟମାନ ଅଞ୍ଚଳରେ ବିଜ୍ଞପ୍ତି ଜାରି କରିବେ।

(ଚ) ଅଗ୍ନି ନିରୋଧ କାର୍ଯ୍ୟ ସକାଶେ ଉପ-ବନାଞ୍ଚଳ ଅଧିକାରୀ ବା ବନପାଳ ପାହ୍ୟାର ଅଧିକାରୀ, କର୍ମଚାରୀ ଏବଂ ଆବଶ୍ୟକ ସରଞ୍ଜାମ ସହ ବନଖଣ୍ଡ ନିୟନ୍ତ୍ରଣ କକ୍ଷରେ ୨୪×୭ କାର୍ଯ୍ୟ କରିବେ। ବନ ସର୍ବେକ୍ଷଣ ସଂସ୍ଥାର ୱେବସାଇଟ୍ (http://www.fsi.org.in) ସହିତ କାର୍ଯ୍ୟାଳୟର ମୋବାଇଲ ନମ୍ବର ଆଦିର ପଞ୍ଜୀକରଣ ନିଶ୍ଚିତ କରାଇ ନିଆଁ ଲାଗିବା ବିଷୟରେ ସତର୍କ ସୂଚନା ଏବଂ ଉଭୟ ପାର୍ଶ୍ୱକୁ ତୁରନ୍ତ ଯୋଗାଯୋଗ ବ୍ୟବସ୍ଥା ନିଶ୍ଚିତ କରାଇବେ।

ନିୟନ୍ତ୍ରଣ କକ୍ଷର ଯୋଗାଯୋଗ ନମ୍ବର ସମସ୍ତ ବିଟ୍, ସେକସନ୍ ଓ ରେଞ୍ଜ କାର୍ଯ୍ୟାଳୟରେ ଦୃଶ୍ୟମାନ ହେବା ଉଚିତ୍।

(ଛ) ବନ ସୁରକ୍ଷା ସମିତି ଏବଂ ସୂଚନାଦାତାଙ୍କ ନିମନ୍ତେ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା କରିବେ।

(ଜ) ବନଖଣ୍ଡରେ ଅଗ୍ନି ନିୟନ୍ତ୍ରଣର ସାପ୍ତାହିକ ଶୃଙ୍ଖଳିତ ପରିଚାଳନା ଓ ସମୀକ୍ଷା କରିବେ।

(ଝ) ଅଗ୍ନି ସଂଘଠିତ ବିଷୟର ସମୟାନୁଯାୟୀ ତଥ୍ୟ ପ୍ରଦାନକୁ ନିଶ୍ଚିତ କରିବେ।

**ବନାଞ୍ଚଳ ସ୍ତରରେ**

ବନାଞ୍ଚଳ ଅଧିକାରୀ ବା ସେହି ଦାୟିତ୍ୱରେ ଥିବା ଅଧିକାରୀ ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦାୟୀ ରହିବେ।

(କ) ଅଗ୍ନି ଋତୁ ପୂର୍ବରୁ ଅଗ୍ନିରେଖା (Fireline) ପରିଚାଳନା, ତତ୍ତ୍ୱାବଧାନ ଓ ଅଗ୍ନି ପ୍ରତିରୋଧ ସ୍କ୍ୱାର୍ଡ ସଭ୍ୟ ମନୋନୟନ କରିବେ।

(ଖ) ଅଗ୍ନି ଋତୁ ପୂର୍ବରୁ ଜଙ୍ଗଲ ରାସ୍ତାର ମରାମତି, ପାଚେରୀ ଓ ସଂପୃକ୍ତ ଅଂଶ ଗୁଡ଼ିକର ମରାମତି, ଶିବିର ପ୍ରତିଷ୍ଠା ନିମନ୍ତେ ସ୍ଥାନ ଚିହ୍ନଟ, ମଞ୍ଚାନ ନିର୍ମାଣ ଏବଂ ଅଗ୍ନି ପ୍ରତିରୋଧ ସ୍କ୍ୱାର୍ଡ ସଭ୍ୟ ସ୍ଥିର କରିବେ।

(ଗ) ଅଗ୍ନି ଋତୁରେ ବନ ସୁରକ୍ଷା ସମିତି ମାନଙ୍କର ମାସିକ ବୈଠକ, ଜନ ଚେତନା କାର୍ଯ୍ୟକ୍ରମର ଆୟୋଜନ, ସୂଚନା, ବ୍ୟାନର ଓ ବିଜ୍ଞାପନର ସଠିକ୍ ସ୍ଥାନରେ ପ୍ରଦର୍ଶନ, ବନ ସୁରକ୍ଷା ସମିତି ସହ ନିୟମିତ ଭାବ ଆଦାନପ୍ରଦାନ କରିବେ।

(ଘ) ଲକ୍ଷ୍ୟ ସ୍ଥଳରେ କର୍ମଚାରୀ ଓ ସ୍କ୍ୱାର୍ଡ ସଭ୍ୟ ନିଯୁକ୍ତି ସହ ନିର୍ଦ୍ଦିଷ୍ଟ ଦାୟିତ୍ୱ ଏବଂ ଅଗ୍ନି ସଂବେଦନଶୀଳ ଜଙ୍ଗଲ ଅଞ୍ଚଳକୁ ସହଜରେ ଚତୁଃପାର୍ଶ୍ୱରୁ ପହଞ୍ଚିବା ନିମନ୍ତେ ସେମାନଙ୍କର ଯାତାୟତ ସ୍ଥିର କରିବେ।

(ଙ) ଅଗ୍ନିର ସଫଳ ନିୟନ୍ତ୍ରଣ ନିମନ୍ତେ ଆଗ୍ନିଶ୍ରମ ସେବାଧିକାରୀଙ୍କ ତତ୍ତ୍ୱାବଧାନରେ ବନପାଳ, ବନରକ୍ଷୀ, ସ୍କ୍ୱାର୍ଡ ଏବଂ ବନ ସୁରକ୍ଷା ସମିତି ସଭ୍ୟମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବେ ଯାହା ଦ୍ୱାରା ଅଗ୍ନି ନିର୍ବାପନ କରିବାରେ ସହାୟକ ହେବ। ଏଥିସହିତ ସଠିକ୍‌ଭାବେ ରେଜିଷ୍ଟର ଓ ଲଗ୍ ବହି ପରିଚାଳନା କରିବେ।

(ଚ) ଅଗ୍ନି କ୍ଷତିଗ୍ରସ୍ତ ପ୍ରତ୍ୟେକ ଅଞ୍ଚଳର ତଦନ୍ତ କରିବା, କ୍ଷୟକ୍ଷତିର ଆକଳନ କରିବା ଓ କର୍ମଚାରୀଙ୍କ ଦ୍ୱାରା ଅଗ୍ନି ନିୟନ୍ତ୍ରଣ କାର୍ଯ୍ୟର ନିରୀକ୍ଷଣ କରି ରିପୋର୍ଟ ପଠାଇବେ।

(ଛ) ବନ ସୁରକ୍ଷା ସମିତି, ସୂଚନାଦାତା ଏବଂ ସ୍କ୍ୱାର୍ଡ ସଭ୍ୟମାନଙ୍କୁ ପ୍ରୋତ୍ସାହନ ରାଶି ଓ ପୁରସ୍କାର ପାଇଁ ନାମ ମନୋନୟନ କରିବେ।

**ସେକସନ୍ ସ୍ତରରେ**

ସେକସନର ବନପାଳ ବା ଦାୟିତ୍ୱରେ ଥିବା ଅଧିକାରୀମାନେ ନିମ୍ନଲିଖିତ କାର୍ଯ୍ୟପାଇଁ ଦାୟୀ ରହିବେ :

(କ) ଅଗ୍ନି କୈନ୍ଦ୍ରିକ ଅଞ୍ଚଳର ବିଷଦ ନକ୍ସା ପ୍ରସ୍ତୁତ, ସେହି ସ୍ଥାନକୁ ରାସ୍ତା ତାଲିକା ଏବଂ ଆବଶ୍ୟକ ଜଳ ଉତ୍ସର ସମସ୍ତ ବିବରଣୀ ପ୍ରସ୍ତୁତ କରିବେ।

(ଖ) ଅଗ୍ନି ଅଧୁଷିତ ଅଞ୍ଚଳରେ ଅଗ୍ନି ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟ (ପରିଚାଳନା ଏବଂ ଅଗ୍ନିରେଖା ପ୍ରସ୍ତୁତି, ପ୍ରକୋଷ୍ଠ (compartment) ଓ ନିର୍ଦ୍ଦିଷ୍ଟ ସୀମାରେଖା) ପ୍ରଭୃତି ଯଥେଷ୍ଟ ପୂର୍ବରୁ ତଦାରଖ କରିବେ।

(ଗ) ଆବାହକ ହିସାବରେ ନିୟମିତ ଭାବେ ବନ ସୁରକ୍ଷା ସମିତି ବୈଠକ କରିବା ଏବଂ ଅଗ୍ନି ନିୟନ୍ତ୍ରଣ ପାଇଁ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରିବେ।

(ଘ) ବନାଞ୍ଚଳ କାର୍ଯ୍ୟାଳୟରେ ଅଗ୍ନି ନିର୍ବାପକ ଯନ୍ତ୍ରପାତି ଓ ସରଞ୍ଜାମକୁ ସୁରକ୍ଷିତ ରଖିବେ।

(ଙ) ଦୈନନ୍ଦିନ ଭାବେ ଅଗ୍ନିକାଣ୍ଡ ସମ୍ବନ୍ଧୀୟ ସତର୍କ ସୂଚନା ବନ ସୁରକ୍ଷା ସମିତି, ବନାଞ୍ଚଳ କାର୍ଯ୍ୟାଳୟ ଏବଂ ବନଖଣ୍ଡ ନିୟନ୍ତ୍ରଣ କକ୍ଷରୁ ଗ୍ରହଣ କରିବେ ଏବଂ ରେଜିଷ୍ଟରରେ ଲିପିବଦ୍ଧ କରି ବନରକ୍ଷୀଙ୍କୁ ଜଣାଇ ଦେବେ।

(ଚ) ଅଗ୍ନି ନିର୍ବାପକ ଦଳକୁ ଶ୍ରମିକ, ଭଡ଼ାଗାଡ଼ି ଏବଂ ଅବଶ୍ୟକ ଯୁକ୍ତି ଯୁକ୍ତ ସହାୟତା ଯୋଗାଇ ଦେବେ।

(ଛ) କାର୍ଯ୍ୟାନୁଷ୍ଠାନ ଓ ଅଗ୍ନି ପ୍ରାଭାବିତ ଅଞ୍ଚଳର ସବିଶେଷ ତଥ୍ୟ ସହିତ ବିଶ୍ୱ ସ୍ଥିତି ନିରୂପଣ ବ୍ୟବସ୍ଥା (GPS) ସର୍ବେକ୍ଷଣ ଓ ପ୍ରାକୃତିକ ବୃକ୍ଷରାଜି ଓ ପ୍ରାଣୀମାନଙ୍କର

କ୍ଷୟକ୍ଷତି (ଫଟୋସହ) ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରିବେ ।

(ଜ) ସୂଚନା ଓ ବୈଷୟିକ ପରାମର୍ଶ ନିମନ୍ତେ ସ୍ଥାନୀୟ ଦମକଳ କେନ୍ଦ୍ର ସହିତ ନିରନ୍ତର ଓ ଘନିଷ୍ଠ ସଂପର୍କ ରଖିବେ।

(ଝ) ଅପରାଧିମାନଙ୍କ ବିରୁଦ୍ଧରେ ଉଚିତ୍ ମାର୍ଗରେ ଓ ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ।

(ଞ) ବନରକ୍ଷୀ, ବନ ସୁରକ୍ଷା ସମିତି ଓ ଅଗ୍ନି ସୁରକ୍ଷା ଦଳଙ୍କୁ ଅଗ୍ନି ନିର୍ବାପନ ନିମନ୍ତେ କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଆବଶ୍ୟକ ସରଞ୍ଜାମ ଯୋଗାଇବେ।

**ବିଟ୍ ସ୍ତରରେ**

ବିଟ୍ ବନରକ୍ଷୀ ବା ଦାୟିତ୍ୱରେ ଥିବା ଅଧିକାରୀ ନିମ୍ନଲିଖିତ କାର୍ଯ୍ୟ ପାଇଁ ଦାୟୀ ରହିବେ –

(କ) ତାଙ୍କ ଅଧିନରେ ଅଗ୍ନି ପ୍ରବଣ ଥିବା ଅଞ୍ଚଳ, ନକ୍ସା, ଟପୋସିଟ୍, ରାସ୍ତାଘାଟ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିବେ।

(ଖ) ଜଙ୍ଗଲରେ ନିୟମିତ ପେଟ୍ରୋଲିଂ କରିବେ ଏବଂ ସ୍ଥାନୀୟ ଜନ ସାଧାରଣଙ୍କ ସହ ଭାବ ବିନିମୟ କରିବେ। ନିଜର ମୋବାଇଲ ନମ୍ବର ସ୍ଥାନୀୟ ୱାର୍ଡ ମେମ୍ବର, ସରପଞ୍ଚ, ଗ୍ରାମର ମୁଖ୍ୟ ବ୍ୟକ୍ତିଙ୍କୁ ପ୍ରଦାନ କରିବେ ଏବଂ ବନାଗ୍ନି ସଂପର୍କରେ ତୁରନ୍ତ ସୂଚନା ଦେବା ପାଇଁ ଅନୁରୋଧ କରିବେ।

(ଗ) ନିୟନ୍ତ୍ରଣ କକ୍ଷ, ବନ ସୁରକ୍ଷା ସମିତି, ବନାଞ୍ଚଳ କାର୍ଯ୍ୟାଳୟ, ସେକସନ୍ ବନପାଳଙ୍କ ଠାରୁ ଅଗ୍ନିକାଣ୍ଡ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଲଗ୍ ବୁକ୍‌ରେ ଦରଜ କରିବେ।

(ଘ) ନିଜର ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରା ଅଗ୍ନିକାଣ୍ଡ ଯୋଗୁଁ କ୍ଷୟକ୍ଷତି ହୋଇ ନଥିବା ସଂପର୍କରେ ସାପ୍ତାହିକ ତଥ୍ୟ ପ୍ରଦାନ କରିବେ।

(ଙ) ସେକସନ୍ ବନପାଳ ଓ ବନାଞ୍ଚଳ ଅଧିକାରୀଙ୍କୁ ବନାଗ୍ନି ଦ୍ୱାରା ପ୍ରଭାବିତ / କ୍ଷୟକ୍ଷତି ଅଞ୍ଚଳ ସଂପର୍କରେ ଦୈନିକ ଭିତ୍ତିରେ ତଥ୍ୟ ପ୍ରଦାନ କରିବେ ।

(ଚ) ତାଙ୍କ ନିୟନ୍ତ୍ରଣରେ ଥିବା ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ବାରମ୍ବାର ରାତି ରହିବେ ।

## ୫. ଅଗ୍ନି ଋତୁ ଆରମ୍ଭ ପୂର୍ବରୁ ପ୍ରସ୍ତୁତି ପର୍ବ :

(କ) ବନାଞ୍ଚଳ ଅଧିକାରୀ ନିଜ ରେଞ୍ଜ ମଧ୍ୟରେ ଥିବା ବିଭିନ୍ନ ବିପଦ ସଙ୍କୁଳ ସ୍ଥାନ ମାନଙ୍କରେ ଅଗ୍ନିରେଖା ପରିଷ୍କାର କରିବାର ପ୍ରଚେଷ୍ଟା କରିବେ । ବନଖଣ୍ଡ ଅଧିକାରୀ ଅଗ୍ନିରେଖା ପରିଚାଳନା କାର୍ଯ୍ୟ ସମାପନର ତଥ୍ୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ / ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ଅଗ୍ନି ଋତୁ ପୂର୍ବରୁ ଅବଗତ କରିବେ ।

(ଖ) ଅଗ୍ନି ପ୍ରବଣ ଅଞ୍ଚଳର ସ୍ପଷ୍ଟ ଅଗ୍ନି ନକ୍ସାକୁ ରେଞ୍ଜର ସମସ୍ତ ବିଟ୍‌ର ବନରକ୍ଷୀ, ସେକସନ୍ ବନପାଳ ଏବଂ ବନାଞ୍ଚଳ ଅଧିକାରୀଙ୍କୁ ବନଖଣ୍ଡ ଅଧିକାରୀ ପ୍ରଦାନ କରିବେ ।

(ଗ) ବନାଞ୍ଚଳ ଅଧିକାରୀମାନେ ଅଗ୍ନି ସୁରକ୍ଷା ବଳ ଏବଂ ଏହାର ସଭ୍ୟମାନଙ୍କୁ ବିପଦ ଶଙ୍କୁଳ ଲକ୍ଷ୍ୟ ସ୍ଥଳରେ ବନାଞ୍ଚଳ ଭିତରେ ଓ ବାହାରେ ଏଭଳି ମୁତୟନ କରିବେ, ଯାହାଦ୍ୱାରା ସେମାନେ ଅଗ୍ନିକାଣ୍ଡ ସ୍ଥଳିରେ ସର୍ବନିମ୍ନ ସମୟ ବ୍ୟବଧାନରେ ପହଞ୍ଚି ପାରିବେ ।

(ଘ) ଅଗ୍ନି ଋତୁ ପ୍ରାରମ୍ଭରୁ, ବନାଞ୍ଚଳ ଅଧିକାରୀ ତାଙ୍କ ନିୟନ୍ତ୍ରଣାଧିନ ଅଞ୍ଚଳର ସମସ୍ତ ବନ ସୁରକ୍ଷା ସମିତିକୁ ଏକ ବୈଠକ ଡାକି ବିଗତ ବର୍ଷରେ ବନାଗ୍ନି ନିର୍ବାପନର ସଫଳ ଓ ବିଫଳ ପ୍ରୟାସ ସଂପର୍କରେ ଆଲୋଚନା କରିବେ । ବନପାଳ, ବନରକ୍ଷୀ, ବନ ସୁରକ୍ଷା ସମିତି ଏବଂ ସୁରକ୍ଷା ବଳ ସଭ୍ୟମାନଙ୍କ ସହ ଆଲୋଚନା କରି ଚଳିତ ବର୍ଷ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରିବେ ।

ଗ୍ରାମବାସୀଙ୍କ ଦ୍ୱାରା ବନାଗ୍ନି ପ୍ରତିରୋଧ ନିମନ୍ତେ ବିଭିନ୍ନ ପ୍ରୋତ୍ସାହନ ଯୋଜନା ସଂପର୍କରେ ବନ ସୁରକ୍ଷା ସମିତି ସଭ୍ୟମାନଙ୍କୁ ଅବଗତ କରାଇବେ ।

(ଙ) ବନଖଣ୍ଡ ଅଧିକାରୀଙ୍କ ନିୟନ୍ତ୍ରଣ କକ୍ଷ ଦ୍ୱାରା ସମସ୍ତ ବନାଞ୍ଚଳ ଅଧିକାରୀ, ସେକସନ୍ ବନପାଳ, ବିଟ୍ ବନରକ୍ଷୀ, ଅଗ୍ନି ସୁରକ୍ଷା ବଳ ଓ ବନ ସୁରକ୍ଷା ସମିତିର ସଭାପତି ଇତ୍ୟାଦିଙ୍କ ଫୋନଖ ନମ୍ବର / ମୋବାଇଲ୍ ନମ୍ବର/ ଇ-ମେଲ ଠିକଣା ଆଦିକୁ ସଠିକ ରଖିବା ଏବଂ ତାହାର ଏକ ନକଲ ବନାଞ୍ଚଳ ଅଧିନରେ ଥିବା ସମସ୍ତ ସେକସନ୍ ଓ ବିଟ୍‌ଗୁଡ଼ିକର ସୂଚନା ନିମନ୍ତେ ଉକ୍ତ ବନାଞ୍ଚଳ ଅଧିକାରୀଙ୍କୁ ପଠାଇବେ ।

(ଚ) ଅଗ୍ନି ନିର୍ବାପକ ଯନ୍ତ୍ର, ସୁରକ୍ଷା ମୁଣି, ଯୋଗାଯୋଗ ଯନ୍ତ୍ରପାତି, ଯାନବାହାନ ଏବଂ ଅନ୍ୟାନ୍ୟ ଯୁକ୍ତିଯୁକ୍ତ ଆବଶ୍ୟକ ସହାୟକ ସାମଗ୍ରୀ ସଂଗ୍ରହ ଓ ବିତରଣ କରିବେ ।

(ଛ) ବନଖଣ୍ଡ ଅଧିକାରୀମାନେ ଆବଶ୍ୟକ ପରିମାଣର ଅଗ୍ନି ନିର୍ବାପକ ଯନ୍ତ୍ର ଓ ସୁରକ୍ଷା ମୁଣି ସଂଗ୍ରହ କରି ସମସ୍ତ ବନାଞ୍ଚଳକୁ ଯୋଗାଇ ଦେବେ । ସୁରକ୍ଷା ମୁଣିରେ ବିଶେଷ କରି ପ୍ରାଥମିକ ଚିକିତ୍ସା ଔଷଧ, ମଶାରୀ ଟୋପି, ପାଣି ବୋତଲ, ବେଟେରୀ ସହିତ ଟର୍ଚ୍ଚ ଲାଇଟ୍ ଓ ଅନ୍ୟାନ୍ୟ ଆବଶ୍ୟକ ସରଞ୍ଜାମ ରଖିବେ ।

(ଜ) ବନଖଣ୍ଡ ଅଧରକାରୀ କ୍ଷେତ୍ର ଉପରେ ଯନ୍ତ୍ରପାତିଗୁଡ଼ିକର ପରିଚାଳନା ନିମନ୍ତେ ତାଲିମ ବ୍ୟବସ୍ଥା କରିବେ ଏବଂ ଅନେକ ନକଲି ଅଭ୍ୟାସ ତଦାରଖ କରିବେ । ଜମା ଖାତାରେ ଦରଜ ପରେ ଆବଶ୍ୟକ ଯନ୍ତ୍ରପାତି ଓ ସରଞ୍ଜାମ ଥଳିଗୁଡ଼ିକ ପ୍ରତ୍ୟେକ ବନାଞ୍ଚଳ ଅଧିକାରୀଙ୍କୁ ପଠାଇବେ ଯିଏ କି ପରବର୍ତ୍ତୀ ପର୍ଯ୍ୟାୟରେ ସଂପୃକ୍ତ ସେକସନ୍ ବନପାଳ ଓ ବିଟ୍ ବନରକ୍ଷୀଙ୍କୁ ପଠାଇବେ ।

(ଝ) ପବନ ସଂଚାଳକ ଯନ୍ତ୍ରର ସ୍ୱତନ୍ତ୍ର ବ୍ୟବହାର: ଏହା ଦେଖାଯାଉଛି ଯେ, ଅଗ୍ନି

ବ୍ୟାପିବାର ପ୍ରତିବନ୍ଧକ ନିମନ୍ତେ ପ୍ରସ୍ତୁତ ଅଗ୍ନିରେଖାଗୁଡ଼ିକ ଶୁଖିଲା ପତ୍ର ପଡ଼ି ପୂର୍ଣ୍ଣ ହୋଇଯାଉଛି ଏବଂ ଏହା ଅଗ୍ନି ଋତୁରେ ବ୍ୟବହାରରେ ଆସୁନାହିଁ। ଏଣୁ ନିୟମିତ ଭାବେ ଅଗ୍ନିରେଖା ପରିଚାଳନା ନିମନ୍ତେ ପବନ ସଂଚାଳକ ଯନ୍ତ୍ରର ନିୟମିତ ବ୍ୟବହାରରେ ଅଗ୍ନିରେଖା ସଫା କରାଯାଇପାରିବ। ଏହା ଏକ ଯନ୍ତ୍ର ଚାଳିତ ଯାନ୍ତ୍ରିକ ଉପକରଣ ଏବଂ ବହୁତ ଫଳପ୍ରଦ ଯନ୍ତ୍ରାଂଶ ଯାହା ଜଙ୍ଗଲ ଚଟାଣରେ ପଡ଼ି ରହୁଥିବା ପତ୍ରକୁ ଏହି ପବନ ସଂଚାଳକ ଯନ୍ତ୍ର ଜରିଆରେ ଅଗ୍ନିରେଖା ତିଆରି କରିବ ଏବଂ କ୍ଷେତ୍ରରେ ଲାଗୁଥିବା ନିଆଁକୁ ପ୍ରତିରୋଧ କରିପାରିବ। ଅଗ୍ନି ପ୍ରସମନ ପରିଚାଳନା ସମୟରେ ଅଗ୍ନି ନିର୍ବାପନ ଯନ୍ତ୍ରଟି ମଧ୍ୟ ଉପାଦେୟ ହୋଇପାରିବ।

(ଞ) ଅଗ୍ନି ଋତୁ ପୂର୍ବରୁ ଯୋଗାଯୋଗ ଯନ୍ତ୍ରପାତି ଯଥା ଭି.ଏଚ୍.ଏଫ୍. ସେଟ୍/ ୱାକି ଟକି ମୋବାଇଲ ଫୋନଗୁଡ଼ିକର ସଂଗ୍ରହ ଓ ମରାମତି ସହ ସଂପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପଠାଯିବ। ଗୋଟିଏ ମୋବାଇଲ୍ ସେଟ୍ ପ୍ରତ୍ୟେକ ଅଗ୍ନି ପ୍ରତିରୋଧ ଦଳ ନେତା, ବନ ସୁରକ୍ଷା ସମିତି ସଭାପତି ଏବଂ ସ୍ଥାନୀୟ ଯୁବନେତାମାନଙ୍କୁ ସମୟ ଅପଚୟ ବିନା ତୁରନ୍ତ ଯୋଗାଯୋଗ ନିମନ୍ତେ ଦିଆଯିବ।

(ଟ) ବନ ସୁରକ୍ଷା ସମିତି, ଅଗ୍ନି ପ୍ରତିରୋଧ ଦଳ ଏବଂ ବନପାଳମାନଙ୍କୁ ଯୋଗା ଯାଉଥିବା ସମସ୍ତ ଯନ୍ତ୍ରପାତିଗୁଡ଼ିକ ଚଳନକ୍ଷମ ବୋଲି ତଦାରଖ କରିବା ବନପାଳଙ୍କ ଦାୟିତ୍ୱ ଅଟେ।

## ୬. ବନାଗ୍ନି ଘଟଣା ପରେ ପରିଚାଳନା:

(କ) ବନଖଣ୍ଡ ଅଧିକାରୀ ଏବଂ ବନାଞ୍ଚଳ ଅଧିକାରୀ ବିଭିନ୍ନ ସୂତ୍ର (ସାଟେଲାଇଟ୍ ସୂତ୍ର, ନିଜ କର୍ମଚାରୀ, ସ୍ଥାନୀୟ ସୂଚନାଦାତା, ଦୂରଦର୍ଶନ ସଂବାଦ, ଖବର କାଗଜ ଇତ୍ୟାଦି)ରୁ ଅଗ୍ନିକାଣ୍ଡ ଖବର ପ୍ରାପ୍ତି ପରେ ନିୟନ୍ତ୍ରଣ କକ୍ଷର ଲଗ୍ ରେଜିଷ୍ଟରରେ ଦରଜ କରିବେ ଏବଂ ତୁରନ୍ତ ସଂପୃକ୍ତ ରେଞ୍ଜ ଅଧିକାରୀ, ବନପାଳ ଓ ବନରକ୍ଷୀଙ୍କୁ ପ୍ରଦାନ କରିବେ ଯିଏ କି ସେସବୁ ନିଜ ଲଗ୍

ରେଜିଷ୍ଟରରେ ରେକର୍ଡ କରି ବିନା ସମୟ ଅପଚୟରେ କାର୍ଯ୍ୟ ଆରମ୍ଭ କରିବେ ।

(ଖ) ସଂପୃକ୍ତ ବନପାଳ ଓ ବନରକ୍ଷୀ ଯେଉଁ ମାନେ ବନାଗ୍ନିର ନିୟନ୍ତ୍ରଣ ଓ ପ୍ରଶମନର ମୁଖ୍ୟ ବ୍ୟକ୍ତି, ସେମାନେ ମାନବ ସମ୍ବଳ, ଅଗ୍ନି ପ୍ରତିରୋଧ ଦଳ, ବନ ସୁରକ୍ଷା ସମିତି ସଭ୍ୟ ଓ ଗ୍ରାମବାସୀ ଇତ୍ୟାଦି ଆବଶ୍ୟକୀୟ ପୂର୍ଣ୍ଣ ପ୍ରସ୍ତୁତି କରି ତୁରନ୍ତ ଘଟଣା ସ୍ଥଳକୁ ଯିବେ ।

(ଗ) ବନାଞ୍ଚଳ ଅଧିକାରୀ ସ୍ଥାନୀୟ ଦମକଳ କେନ୍ଦ୍ରକୁ ଖବର ଦେବେ ଓ ଜଙ୍ଗଲରେ ମିଳୁଥିବା ଜଳ ଉତ୍ସ ସହ ଆବଶ୍ୟକ ପାଣି ଟାଙ୍କି ଘଟଣା ସ୍ଥଳରେ ପହଞ୍ଚାଇବାର ବ୍ୟବସ୍ଥା କରିବେ । ଅଗ୍ନି ନିର୍ବାପନ ନିମନ୍ତେ ସେମାନଙ୍କ ସେବାକୁ ଉପଯୁକ୍ତ ଭାବେ ବ୍ୟବହାର କରାଯିବ ।

(ଘ) ବନାଞ୍ଚଳ ଅଧିକାରୀମାନେ ସଂବେଦନଶୀଳ ଅଗ୍ନି ପ୍ରବଣ ଅଞ୍ଚଳକୁ ଯାତାୟତ ବ୍ୟବସ୍ଥା ନିରୂପଣ କରିବେ । ରେଞ୍ଜ, ସେକସନ୍ ଓ ବିଟ୍ ସ୍ତରରେ ଏହାର ସମୀକ୍ଷା କରିବେ । ଏକ ସଫଳ ବ୍ୟବସ୍ଥା କ୍ରମରେ ବନରକ୍ଷୀ ସ୍ତରରେ ବ୍ୟବହାର ପାଇଁ ଆବଶ୍ୟକ ପାଣ୍ଠି ଗଚ୍ଛିତ ରଖିବେ ।

(ଙ) ଅଗ୍ନି ପ୍ରତିରୋଧ ଦଳର ୨ ଜଣରେ, ଗୋଟିଏ ପବନ ସଂଚାଳକ ଯନ୍ତ୍ର ରହିବା ଦରକାର । ଅଗ୍ନି ପ୍ରବଣ ଅଞ୍ଚଳ ସୀମାର ୧.୫ ମିଟର ଦୂରତାରେ ଅଗ୍ନି ଧାର ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ହେବ । ୨ୟ ଦଳ ସେମାନଙ୍କ ସହ ସ୍ଥଳରେ ଆବଶ୍ୟକ କାର୍ଯ୍ୟ କରିବେ ।

(ଚ) ବିଟ୍, ସେକସନ୍ ଓ ରେଞ୍ଜ ଅଞ୍ଚଳରେ ଏକାଧିକ ଅଗ୍ନିକାଣ୍ଡ ଦୃଶ୍ୟମାନ ହେଲେ ଅନ୍ୟ ସେକସନ୍ ଓ ରେଞ୍ଜରୁ କର୍ମାନ୍ତରରେ ସହ ଅଗ୍ନି ସୁରକ୍ଷା ବଳ ସମେତ ସ୍ଥାନୀୟ ଜନଶକ୍ତିକୁ ବିନିଯୋଗ କରାଯିବ ।

(ଛ) ଯେଉଁଠି ଶୁଖିଲା ପତ୍ର, କାଠ ଗଣ୍ଡି ଯାହା ଦୀର୍ଘ ସମୟ ଲିଭେ ନାହିଁ, ସେ କ୍ଷେତ୍ରରେ ଦମକଳ ବାହିନୀକୁ ଅଗ୍ନି ନିର୍ବାପନ ନିମନ୍ତେ ପାଣି ଟାଙ୍କି ସହ ଆସିବାକୁ ଡକାଯିବ।

(ଜ) ସମସ୍ତ ସ୍ଥଳରେ ଆବଶ୍ୟକ ପ୍ରାଥମିକ ଚିକିତ୍ସା ଓ ପିଇବା ପାଣି ମହଜୁଦ ରଖାଯିବ।

(ଝ) ଘଟଣା ସ୍ଥଳରେ ନିଆଁକୁ ସଂପୂର୍ଣ୍ଣ ଆୟତ୍ତ କରିବା ପାଇଁ ବନପାଳ ଓ ବନରକ୍ଷୀମାନେ ବ୍ୟକ୍ତିଗତ ଉଦ୍ୟମ କରିବେ। ଅଗ୍ନିକାଣ୍ଡ ଘଟଣାର ୨୪ ଘଣ୍ଟା ମଧ୍ୟରେ ସେମାନେ ଜିପିଏସ୍ ଯନ୍ତ୍ର ଦ୍ୱାରା କ୍ଷତିର ପରିମାଣ ଅଗ୍ନିକାଣ୍ଡର କାରଣ ସହ ସର୍ବଶେଷ ତଦନ୍ତ ତଥ୍ୟ ବନାଞ୍ଚଳ ଅଧିକାରୀଙ୍କୁ ପ୍ରଦାନ କରିବେ। କିନ୍ତୁ ଅଗ୍ନିକାଣ୍ଡ ଓ ତତ୍ ସଂପର୍କୀୟ କାର୍ଯ୍ୟାନୁଷ୍ଠାନ ସୂଚନା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସହ ବନଖଣ୍ଡ ନିୟନ୍ତ୍ରଣ କକ୍ଷକୁ କାର୍ଯ୍ୟାନୁଷ୍ଠାନ ପରେ ଭିଏଚ୍ଏଫ ଓ ମୋବାଇଲ ଫୋନ ଯୋଗେ ଜଣାଇବେ।

(ଞ) ବନ ସୁରକ୍ଷା ସମିତି ଅଧିନସ୍ଥ ଅଞ୍ଚଳର ଅଗ୍ନିକାଣ୍ଡକୁ ତ୍ୱରୀତ ପ୍ରତିକ୍ରିୟା / ଜବାବ୍ ପ୍ରଦାନ କରିବେ। ସେକସନ୍ ବନପାଳ ବନ ସୁରକ୍ଷା ସମିତି ସହ ଦଳର ସହଯୋଗରେ ନେତୃତ୍ୱ ନେଇ କାମ କରିବେ।

## ୭. ମୂଲ୍ୟାୟନ ଓ ତଥ୍ୟ ପ୍ରଦାନ :

(କ) ଅଗ୍ନିକାଣ୍ଡର ସମୟ ପ୍ରଶମନ ପରେ ସେକସନ୍ ବନପାଳ ଘଟଣାର ସବିଶେଷ ତଥ୍ୟ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରିବେ।

(ଖ) ବନାଞ୍ଚଳ ଅଧିକାରୀ ଯଦି ଜରୁରୀ ମନେ କରନ୍ତି, ତେବେ ପରବର୍ତ୍ତୀ ତଦନ୍ତ କରିପାରନ୍ତି ନଚେତ୍ ବନପାଳଙ୍କ ତଦନ୍ତ ତଥ୍ୟକୁ ନିଜର ମନ୍ତବ୍ୟ ସହ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ୪୮ ଘଣ୍ଟା ମଧ୍ୟରେ ପଠାଇବେ।

(ଗ) ବନଖଣ୍ଡ ସ୍ତରରେ ତନଖି ପରେ ସମ୍ମିଳିତ ତଥ୍ୟାବଳୀକୁ ୩ ଦିନ ମଧ୍ୟରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ନିକଟକୁ ପଠାଇବେ ।

(ଘ) ବନଖଣ୍ଡ ଅଧିକାରୀଙ୍କ ପୂର୍ଣ୍ଣାଙ୍ଗ ସୂଚନା ପ୍ରତ୍ୟେକ ବନଖଣ୍ଡରୁ ୧୫ ଦିନ ମଧ୍ୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ମୁଖ୍ୟ ଦପ୍ତରରେ ପହଁଚିବ ।

(ଙ) ଗୋଟିଏ ଅଗ୍ନି ଋତୁର ସମସ୍ତ ପୂର୍ଣ୍ଣାଙ୍ଗ ସୂଚନା ସମୀକ୍ଷା ସହ ସଙ୍କଳନ କରାଯିବ । କ୍ଷେତ୍ର ବିଶେଷରେ ଅଗ୍ନିକାଣ୍ଡର ଉତ୍ସ ଓ ପ୍ରଖରତା ବିଷୟରେ ତଥ୍ୟ ରଖାଯିବ । ଅଗ୍ନିକାଣ୍ଡ ଘଟଣାର ସର୍ବୋଚ୍ଚ ଓ ସର୍ବନିମ୍ନ ସଂଖ୍ୟା ମୂଲ୍ୟାୟନ କରାଯିବ ।

(ଚ) ସେହି ବନଖଣ୍ଡ ସ୍ତରୀୟ ସୂଚନାକୁ ବନଖଣ୍ଡ ବନାଗ୍ନି ନିର୍ବାପନ ପରିଚାଳନା ଯୋଜନା ସମୟରେ ଗ୍ରହଣ କରାଯିବ ।

(ଛ) ପରବର୍ତ୍ତୀ ଅଗ୍ନି ପରିଚାଳନା କାର୍ଯ୍ୟ ଆରମ୍ଭ କରାଯିବ । କ୍ଷତିଗ୍ରସ୍ତ ଅଞ୍ଚଳରେ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ । ମୂଳ ଅବସ୍ଥାକୁ ଉଦ୍ଭିଦରାଜିରେ ପରିଣତ ପାଇଁ ସ୍ଥଳ ବିଶେଷରେ ଖାଲି ଜାଗାରେ ବୃକ୍ଷ ରୋପଣ କରାଯିବ ।

ଅଗ୍ନି ପ୍ରତିରୋଧ ଗଠନ ଶୈଳୀ ଏବଂ ଆବାଦ ସଂସ୍କାର ସାଧନ ଯୋଜନା ଓ ବନାଗ୍ନି ପ୍ରତିକାର ସଂପର୍କୀୟ ମାସ ୱାରୀ କାର୍ଯ୍ୟକ୍ରମର ପରିଶିଷ୍ଟ ଯଥାକ୍ରମେ ୧ ଓ ୨ ରେ ସଂଲଗ୍ନ କରାଗଲା ।

## ପରିଶିଷ୍ଟ-୧

### ଅଗ୍ନି ପ୍ରତିରୋଧ ଗଠନ ଶୈଳୀ ଏବଂ ଆବାଦ ସଂସ୍କାର ସାଧନ ଯୋଜନା

୧. ଉପକ୍ରମଣିକା

୨. ଲକ୍ଷ ଓ ଉଦ୍ଦେଶ୍ୟ

୩. ଅଞ୍ଚଳର ବର୍ଣ୍ଣନା

(କ) ସାଧାରଣ

(ଖ) ଜଳବାୟୁ

(ଗ) ସ୍ଥଳ ବିଶେଷର ବର୍ଣ୍ଣନା

(ଘ) ଜାଳେଣୀ ପଦାର୍ଥ

(ଙ) ଜମି ବ୍ୟବହାର

(ଚ) ଜଳ ଆବଶ୍ୟକତା

(ଛ) ଭିତ୍ତିଭୂମି ଓ ସହଯୋଗ ପ୍ରାପ୍ତି

୪. ବନାଗ୍ନି

- ବନାଗ୍ନିର ଇତିହାସ
- ଅଗ୍ନିଭୟ, ସଂକଟ ଓ ଆହ୍ୱାନ
- ସଂଭାବ୍ୟ ବନାଗ୍ନି ସମସ୍ୟାର ଇତିବୃତ୍ତି

୫. ଅଗ୍ନି ନିର୍ବାପନ କୌଶଳ

- ସଙ୍କଟ ପରିଚାଳନା

- ଅଗ୍ନି ଲିଭା ଓ ଗ୍ରହଣୀୟତା
- ଜନଶିକ୍ଷା ଓ ଗୋଷ୍ଠି ସଚେତନତା
- ଅଗ୍ନି ନିରୋଧ ଅଞ୍ଚଳ
- ଅଗ୍ନି ପରିଚାଳନା ଲକ୍ଷ୍ୟ ନିର୍ଦ୍ଧାରଣ

୬. ବନାଗ୍ନି ପରିଚାଳନା ନିମନ୍ତେ ଆବଶ୍ୟକ ପାଣ୍ଠି

- ଅଗ୍ନିରେଖା ପ୍ରସ୍ତୁତି ନିମନ୍ତେ ଧାର୍ଯ୍ୟ ପାଣ୍ଠି
- ସୂଚନାଦାତାଙ୍କ ପ୍ରୋତ୍ସାହନ
- ଅଗ୍ନିକାଣ୍ଡ ତଥ୍ୟାବଳୀ ପ୍ରଦାନ ନିମନ୍ତେ ବିଟ୍ ଭିତ୍ତିଭୂମିକୁ ଶକ୍ତିଶାଳୀ ବା କ୍ରିୟାଶୀଳ କରିବା ନିମନ୍ତେ ପଦକ୍ଷେପ
- ଆଶୁ ଅଗ୍ନି ନିର୍ବାପନ ପଦକ୍ଷେପ ନିମନ୍ତେ ବନରକ୍ଷୀଙ୍କ ହାତରେ ଅର୍ଥ
- ଯନ୍ତ୍ରାଂଶ ଓ ପବନ ସଂଚାଳକ ଯନ୍ତ୍ର ଇତ୍ୟାଦିର ମୂଲ୍ୟ
- ତତ୍‌କ୍ଷଣାତ ଖର୍ଚ୍ଚ ନିମନ୍ତେ ଅର୍ଥ

- ନକ୍ସା
- କାର୍ଯ୍ୟଧାରା
- ବନାଗ୍ନି ନିର୍ବାପନ ନିମନ୍ତେ ନୟମାବଳୀ, ସ୍ୱତନ୍ତ୍ର ଓ ସର୍ବନିମ୍ନ ସାଧାରଣ ଏବଂ ମାସୱାରୀ କାର୍ଯ୍ୟଧାରାର ତଥ୍ୟ ଯଥାକ୍ରମେ ପରିଚ୍ଛେଦ ୧ ଏବଂ ୨ ରେ ସଂଲଗ୍ନ କରାଗଲା ।

## ବନାଗ୍ନି ପ୍ରତିକାର ନିମନ୍ତେ ମାସୱାରୀ କାର୍ଯ୍ୟକ୍ରମ

| ମାସ | କାର୍ଯ୍ୟସୂଚୀ | କାର୍ଯ୍ୟାନୁଷ୍ଠାନ | | | |
|---|---|---|---|---|---|
| | | ବିଟ୍ ସ୍ତରୀୟ | ସେକସନ୍ ସ୍ତରୀୟ | ରେଞ୍ଜ ସ୍ତରୀୟ | ବନଖଣ୍ଡ ସ୍ତରୀୟ |
| ଅଗଷ୍ଟ-ସେପ୍ଟେମ୍ବର | ଉପ ଆଗ୍ନିକ ଅଧିକାରୀ, ବନ ପରିଚାଳକ ଓଏଫ୍‌ଡିସି, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏବଂ ବନ ସୁରକ୍ଷା ସମିତି ସହ ସମନ୍ୱୟ ବୈଠକ | | | ହଁ | ହଁ |
| | ଅଗ୍ନି ପ୍ରତିରୋଧ ଗଠନ ଶୈଳୀ ଏବଂ ଆବାଦ ସଂସ୍କାର ସାଧନ ଯୋଜନା ଗଠନ | ହଁ | ହଁ | ହଁ | ହଁ |
| | ଯୋଜନାକୁ ପ୍ରସ୍ତୁତି ସହ ଦାଖଲ କରିବାକୁ ହେବ | | | ହଁ | ହଁ |
| ଅକ୍ଟୋବର | ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ସହ ଆଲୋଚନା ଓ ସୁପାରିଶ | ହଁ | ହଁ | ହଁ | ହଁ |
| | ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ମଞ୍ଜୁର | | | | ହଁ |
| ନଭେମ୍ବର-ଡିସେମ୍ବର | ଭି.ଏଚ୍.ଏଫ୍., ଅଗ୍ନି ନିରୋଧ ଯନ୍ତ୍ରପାତିର ସଂଗ୍ରହର ତର୍ଜମା ଓ ତର୍କ | | ହଁ | ହଁ | ହଁ |
| | ଅଗ୍ନିରେଖା ସୃଷ୍ଟି, ରକ୍ଷଣାବେକ୍ଷଣା ଏବଂ କ୍ଷେତ୍ର କାର୍ଯ୍ୟକ୍ରମ ଶେଷ କରିବା । | ହଁ | ହଁ | ହଁ | ହଁ |

| | | | | | |
|---|---|---|---|---|---|
| | ମଚାଣ ପ୍ରସ୍ତୁତି ଏବଂ ଶିବିର ସ୍ଥାନ ସ୍ଥିରୀକୃତ | | ହଁ | ହଁ | |
| | ସଚେତନତା ଓ ତାଲିମ | | ହଁ | ହଁ | |
| ଜାନୁଆରୀ | କ୍ଷତି ଶଙ୍କୁଳ ବନାଞ୍ଚଳ ଗ୍ରାମର ଯୁବକମାନଙ୍କୁ ଆଣି ଅଗ୍ନି ପ୍ରତିରୋଧ ବଳ ମନୋନୀତ | | ହଁ | ହଁ | |
| | ବିପଦ ଶଙ୍କୁଳ ବନାଞ୍ଚଳର ଜଙ୍ଗଲ ରାସ୍ତା ମରାମତି, ସଂଯୋଗ ରାସ୍ତା ନିରୀକ୍ଷଣ | ହଁ | ହଁ | ହଁ | ହଁ |
| | ଶ୍ରମ ସାଧନ ଖୋଜିବା | ହଁ | ହଁ | | |
| | ଅଗ୍ନି ନିରାକରଣ ନିୟନ୍ତ୍ରଣ କକ୍ଷ | | | | ହଁ |
| ଫେବୃଆରୀ – ଜୁନ୍ | ଅଗ୍ନି ପ୍ରବଣ ଅଞ୍ଚଳରେ ପାଦ ଚଲା ପ୍ରହରା | ହଁ | ହଁ | ହଁ | ହଁ |
| | ପବନ ସଂଚାଳକ ଯନ୍ତ୍ର ଦ୍ୱାରା ଅଗ୍ନିରେଖା ପ୍ରସ୍ତୁତି ଓ ପରିଚାଳନା | ହଁ | ହଁ | | |
| | ବନାଗ୍ନି ସୂଚନା ସଂଗ୍ରହ ଓ ବିହିତ କାର୍ଯ୍ୟାନୁଷ୍ଠାନ | ହଁ | ହଁ | ହଁ | ହଁ |
| | ଅଗ୍ନିକାଣ୍ଡ ସତର୍କ ସୂଚନା, ପଞ୍ଜୀକରଣ ଏବଂ କାର୍ଯ୍ୟାନୁଷ୍ଠାନ | ହଁ | ହଁ | ହଁ | ହଁ |
| | ଅଗ୍ନି କ୍ଷତି ଗ୍ରସ୍ତ ଅଞ୍ଚଳରେ ଆବାଦ ସଂସ୍କାର କାର୍ଯ୍ୟର କାର୍ଯ୍ୟକାରିତା (ମୃତ୍ତିକା ଏବଂ ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ) | ହଁ | ହଁ | ହଁ | ହଁ |
| | ଅଗ୍ନି ପ୍ରତିରୋଧ କାର୍ଯ୍ୟର ପରିଚାଳନା | | ହଁ | ହଁ | ହଁ |
| ଜୁଲାଇ | ବନାଗ୍ନିର ସମୀକ୍ଷା ଏବଂ ସବିଶେଷ ତଥ୍ୟ ପ୍ରଦାନ | | ହଁ | ହଁ | ହଁ |
| | ପ୍ରୋକ୍ତ ବ୍ୟବସ୍ଥାର ବିକାଶ ନିମନ୍ତେ ପରାମର୍ଶ ଭିତ୍ତିକ ପ୍ରାବଧାନ | ହଁ | ହଁ | ହଁ | ହଁ |



